# Akashvani, Sambalpur

## SAMBALPURI NEWS EVENING BULLETIN

**31 December 2025- 7.02 pm- 7.12 pm.**

*********************************************

୧- ଓଡ଼ିଶା ନ ଜାତୀୟ ରାଜପଥ ୩ ଶହ ୨୬ ର ସମ୍ପ୍ରସାରଣ୍ ଆଉ ବିକାଶ୍ ଲାଗି ୧୫ ଶହ ୨୬ କୋଟି ନୁ ଅଏତ୍‌କା ଟଙ୍କା ମଞ୍ଜୁର୍ କଲେ କେନ୍ଦ୍ର କେବିନେଟ୍ ।

୨- ଦେଶ୍ ଲାଗି ଶହୀଦ୍ ମାଧୋ ସିଂଙ୍କର୍ ବଳିଦାନ୍ ସାରା ପୁର୍‌ଥି ନ ବିରଳ ଆଏ କହେଲେ ମୁଖ୍ୟମନ୍ତ୍ରୀ ।

- ବର୍‌ଗଡ଼୍ ଜିଲ୍ଲା ଘେଁସ୍ ନ ହେଇଥିବା ବୀରତା ଦିବସ୍ ସମାରୋହଥି ଗାଁର ବିକାଶ୍ ଲାଗି ଘୋଷ୍‌ନା କଲେ ସ୍ୱତନ୍ତ୍ର ସାହାଜ୍ ।

୩- ରାଜ୍ୟର୍ ନୂଆଁ ମୁଖ୍ୟ ଶାସନ୍ ସଚିବ ଭାବେ ଦାୟିତ୍ୱ ନେଲେ ଅନୁ ଗର୍ଗ ।

ଆଉର୍

୪- ଇଂରାଜୀ ନୂଆବଛର୍ ଅବ୍‌ସରେ ଆଏଜ୍ ରାତିର୍ ୨ ବଜେନୁ ପୁରୀ ଶ୍ରୀମନ୍ଦିର୍ ନ ମୁଲ୍ ହେବା ସର୍ବସାଧାରଣ୍ ଦର୍ଶନ୍ ।

କେନ୍ଦ୍ର କେବିନେଟ୍ ବୈଠକ୍ ପି.ଆଇ.ବି.

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ କେନ୍ଦ୍ର କେବିନେଟ୍‌ର ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଓଡ଼ିଶା ଦେଇକରି ଯାଇଥିବା ୩ ଶହ ୨୬ ନମ୍ବର୍ ଜାତୀୟ ରାଜ୍‌ପଥ୍‌ର ସମ୍ପ୍ରସାରଣ୍ ଆଉ ସୁଦୃଢ଼ିକରଣ୍ କର୍‌ବାର୍‌କେ କେନ୍ଦ୍ର କେବିନେଟ୍‌ର ଅନୁମୋଦନ୍ ମିଲିଛେ । ଇ ପ୍ରକଳ୍ପ ଲାଗି ମୋଟ୍ ୧୫ ଶହ ୨୬ କୋଟି ନୁ ଅଏତ୍‌କା ଟଙ୍କା ଖର୍ଚ୍ଚା ହେବା । ଇ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଦକ୍ଷିଣ ଓଡ଼ିଶା ଖାସ୍‌କରି ଗଜପତି, ରାୟଗଡ଼ା ଆର୍ କୋରାପୁଟ୍ ଜିଲ୍ଲାର୍ ଲୁକେ ଲାଭ୍ ପାଏବେ ।

ମାଧୋ ସିଂ- ମୁଖ୍ୟମନ୍ତ୍ରୀ I&PR

ଦେଶ୍ ଲାଗି ଶହୀଦ୍ ମାଧୋ ସିଂଙ୍କର୍ ବାଗିର୍ ବଳିଦାନ୍‌ର ଉଦାହରଣ୍ ସାରା ପୁର୍‌ଥି ନ ବିରଳ ଆଏ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ବର୍‌ଗଡ୍ ଜିଲ୍ଲା ଘେଁସ୍ ଠାନେ ଆଏଜ୍ ସହିଦ୍ ମାଧୋ ସିଂହ ସ୍ମୃତି ସମାରୋହ ଆଉ ରାଜ୍ୟସ୍ତରୀୟ ବୀରତା ଦିବସ୍- ୨୦୨୫ ପାଲନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଘେଁସ୍‌ର ଇ ମହାନାୟକଙ୍କୁ ଉଚିତ୍ ସମ୍ମାନ୍ ଦିଆଯିବା ବଲି କହିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଘେଁସ୍ ମହାବିଦ୍ୟାଳୟକେ ସହିଦ୍ ମାଧୋ

ସିଂ ମହାବିଦ୍ୟାଳୟ ଭାବେ ନାମିତ୍ କରିଛନ୍ । ମହାବିଦ୍ୟାଳୟର୍ ଛାତ୍ରୀମାନ୍‌କର୍ ଲାଗି ଶହେ ଆସନ୍‌ର ଅତ୍ୟାଧୁନିକ୍ ହଷ୍ଟେଲ୍ ତିଆରି ଲାଗି ୪ କୋଟି ୪୦ ଲାଖ୍ ନୁ ଅଏତ୍‌କା ଟଙ୍କାର୍ ବ୍ୟୟବରାଦ୍ ଘୋଷ୍‌ନା କରିଛନ୍ । ଇତାର୍‌ସହେତେ ଘେଁସ୍ ଗାଁର୍ ଉନ୍ନତି ଲାଗି ୧୯ କୋଟି ଟଙ୍କା ଖର୍ଚ୍ଚା କରାଯିବା ବଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଘେଁସ୍ ଜମିଦାର୍ ମାଧୋ ସିଂ ଆଉ ତାକର୍ ପରିବାର୍‌ର ଆତ୍ମବଳିଦାନ୍ ଗାଥା ସବୁବେଲେ ସୁର୍‌ତା ହେଇକରି ରହେବାର୍ ସହେତେ ଆଏବା ପିଢ଼ିକେ ଠିକ୍ ରାହା ଦେଖାବା । ଜନଜାତି ଛାତ୍ରଛାତ୍ରୀମାନ୍‌କର୍ ଡ୍ରପ୍‌ଆଉଟ୍ ହାର କମ୍ କର୍‌ବାର୍ ଲାଗି ସର୍‌କାର୍ ସହିଦ୍ ମାଧୋ ସିଂ ହାତଖର୍ଚ୍ଚ ଯୋଜ୍‌ନା କାର୍ଯ୍ୟକାରୀ କରେଇଛନ୍ । ବିକଶିତ୍ ଭାରତ୍ ଆଉ ସମୃଦ୍ଧ ଓଡ଼ିଶା ଗଠନ୍ ଲାଗି ସମ୍‌କୁ ମାଧୋ ସିଂ ନୀତି ଆଦର୍ଶଥି ଅନୁପ୍ରାଣିତ ହେଇକରି ଆଗ୍‌କେ ବଢ଼୍‌ବାର୍ ଲାଗି ଶ୍ରୀ ମାଝୀ ଆହ୍ୱାନ୍ ଦେଇଛନ୍ ।

ମାଧୋ ସିଂ ବୀରତା ଦିବସ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ସ୍ୱାଧୀନତା ଲାଗି ବଳିଦାନ୍ ଦେଇଥିବା ବର୍‌ଗଡ୍ ଜିଲ୍ଲାର୍ ଘେଁସ୍ ଜମିଦାର୍ ଶହୀଦ୍ ମାଧୋ ସିଂଙ୍କୁ ଶହୀଦ୍ ଦିବସ୍ ଅବ୍‌ସରେ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛେ । ବୀର

ସୁରେନ୍ଦ୍ର ସାଏଙ୍କର୍ ପ୍ରେରଣାଥି ଇଂରେଜ୍ ମାନ୍‌କର୍ ରାଜସ୍ୱ ଆଦାୟ ନୀତିକେ ବିରୋଧ୍ କରିକରି ମାଧୋ ସିଂ ସେତେବେଲର୍ ସର୍‌କାର୍‌ଙ୍କର୍ ରାଗ୍‌ର ଶିକାର୍ ହେଇଥିଲେ । ଗୁଟେ ମିଛ୍ ଅଭିଯୋଗ୍‌ଥି ସମ୍ବଲ୍‌ପୁର୍ ଜେଲ୍ ନ ୧୮୫୮ ମସିହା ଆଝିରର୍ ଦିନେ ମାଧୋ ସିଂଙ୍କୁ ଫାଶୀ ଦିଆଯାଇଥିଲା । ତାଙ୍କର୍ ବଳିଦାନ୍‌କେ ସୁର୍‌ତା କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ୧୯୯୭ ମସିହାନୁ ଆଝିରର୍ ଦିନ୍‌କେ ବୀରତା ଦିବସ୍ ଭାବେ ପାଲନ୍ କରୁଛନ୍ ।

ଅନୁ ଗର୍ଗ-ମୁଖ୍ୟ ଶାସନ୍ ସଚିବ ଏକ୍ସ

ରାଜ୍ୟର୍ ନୂଆଁ ମୁଖ୍ୟ ଶାସନ୍ ସଚିବ ଭାବେ ଅନୁ ଗର୍ଗ ଆଏଜ୍ ଦାୟିତ୍ୱ ନେଇଛନ୍ । ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ଗୁଟେ ଖାସ୍ କାର୍ଯ୍ୟକ୍ରମ୍‌ଥି ଶ୍ରୀମତୀ ଗର୍ଗ ମନୋଜ୍ ଆହୁଜାଙ୍କର୍‌ନୁ ଦାୟିତ୍ୱ ନେଇଛନ୍ । ଶ୍ରୀମତୀ ଗର୍ଗ ହେଉଛନ୍ ରାଜ୍ୟର୍ ପହେଲା ମହିଳା ମୁଖ୍ୟ ଶାସନ୍ ସଚିବ । ଦାୟିତ୍ୱ ନେବାର୍ ଉତ୍‌ରୁ ଶ୍ରୀମତୀ ଗର୍ଗ କହିଛନ୍, ରାଜ୍ୟର୍ ପ୍ରଗତି ତାଙ୍କର୍ ପହେଲା ଲକ୍ଷ୍ୟ ହେବା । ୨୦୩୬ ଭିଜନ୍ ଡକ୍ୟୁମେଂଟ୍ କାର୍ଯ୍ୟକାରୀ କର୍‌ବାର୍ ସହେତେ ବିକଶିତ୍ ଭାରତ୍ ୨୦୪୭ ଲକ୍ଷ୍ୟ ହାସଲ୍ କର୍‌ବାର୍ ଦିଗେ ସେ କାମ୍ କର୍‌ବେ । ଆଏବା ଦିନେ ବହୁତ୍ ଚେଲେଞ୍ଜ୍ ରହିଛେ ।

ମିଶିକରି ସଭେ ସମାଧାନ୍ କର୍‌ବାର୍‌କେ ଇ ଅବ୍‌ସରେ ନୂଆଁ ମୁଖ୍ୟ ଶାସନ୍ ସଚିବ ଆହ୍ବାନ୍ ଦେଇଛନ୍ ।

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ କାର୍ଯ୍ୟକାଳ ଆଏଜ୍ ଶେଷ୍ ହେଇଛେ । ଇ ଅବ୍‌ସରେ ଶ୍ରୀ ଆହୁଜା ଆଏଜ୍ ରାଜ୍‌ଭବନ୍‌କେ ଯାଇକରି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟିଙ୍କୁ ସାକ୍ଷାତ୍ କରିଛନ୍ । ସୂଚ୍‌ନା ଅନ୍‌ସାରେ ଶ୍ରୀ ଆହୁଜା ୨୦୨୪ ମସିହା ଜୁଲାଇ ମାସ୍‌ନୁ ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ ଭାବେ ଦାୟିତ୍ୱ ଗ୍ରହଣ୍ କରିଥିଲେ ।

ଜଲ୍‌ସମ୍ପଦ୍ ବିଭାଗ୍ ସମୀକ୍ଷା I&PR

ମୁଖ୍ୟ ଶାସନ୍ ସଚିବ ଭାବେ ଦାୟିତ୍ୱ ନେବାର୍ ଆଘୋନୁ ଆଏଜ୍ ଅନୁ ଗର୍ଗ ଦାୟିତ୍ୱଥି ଥିବା ଜଲ୍‌ସମ୍ପଦ୍ ବିଭାଗ୍‌ର ଉନ୍ନୟନ୍ କାମ୍ ମାନ୍‌କର୍ ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଶ୍ରୀମତୀ ଗର୍ଗ ୫ ବଛର୍‌ନୁ ଅଏତ୍‌କା ସମିଆତକ୍ ବିଭାଗ୍ ନ ସେବା ସମିଆଥି ସମ୍ମୁଖୀନ୍ ହେଇଥିବା ଭିନ୍ ଭିନ୍ ଆହ୍ବାନ୍ ଆଉ ସଫଲତା ବାବ୍‌ଦେ ଆଲୋଚନା କରିଛନ୍ । ସେଆଢ଼େ ମୁଖ୍ୟ ଶାସନ୍ ସଚିବ ଭାବେ କାର୍ଯ୍ୟକାଲ୍‌ର ଶେଷ୍ ଦିନେ ମନୋଜ ଆହୁଜା ଭିଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗୁଟେ ସଚିବସ୍ତରୀୟ ବୈଠକ୍‌ଥି ଅଧ୍ୟକ୍ଷତା କରିଥିଲେ ।

ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ଏକ୍ସ

ରାଜ୍ୟ ସର୍‌କାର୍ ଗାଡ଼ିମଟର୍‌ର ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ନାଇଁ ହେଲେ ଇନ୍ଧନ୍ ନାଇଁ ମିଲେ ନିୟମ୍ ଲାଗୁ କର୍‌ବାର୍ ସମିଆ ମାର୍ଚ୍ଚ ୩୧ ତାରିଖ୍‌ତକ୍ ବଢ଼େଇଛନ୍ । ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ବାହାର୍ କର୍‌ବାର୍ ଲାଗି ଇହାଛିନି ବହୁତ୍‌ଟେ ଭିଡ୍ ହଉଛେ । ଲୋକ୍‌ମାନେ ଯେନ୍ତା ହଏରାନ୍ ନାଇଁ ହେବେ ଆଉ ଠିକ୍ ସମିଆଥି ପ୍ରଦୂଷଣ୍ ସାର୍ଟିଫିକେଟ୍ ବନେଇପାର୍‌ବେ ସେଟାକେ ନଜର୍‌ଥି ରଖିକରି ସର୍‌କାର୍ ଇ ନିଷ୍ପତି ନେଇଛନ୍ ବଲି ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍...

(ଭଏସ୍ ଓଭର୍- ବିଭୂତି ଭୂଷଣ୍ ଜେନା)

ରାସନ୍ କାର୍ଡ଼ -ଇ-କେଓ୍ୱାଇସି ଏକ୍ସ

ରାଜ୍ୟ ସର୍‌କାର୍ ରାସନ୍ କାର୍ଡ଼ ଲାଗି ଇ-କେଓ୍ୱାଇସି ବନାବାର୍ ସମିଆ ଆହୁରି ୨ ମାସ୍ ବଢ଼େଇଛନ୍ । ଇ-କେଓ୍ୱାଇସି ବନାବାର୍ ଲାଗି ଶେଷ୍ ତାରିଖ୍ ଆଏଜ୍ ଥିଲା । ଏବ୍‌ତକ୍ ୯୬ ପ୍ରତିଶତ୍ ଲୋକ୍ ଇ-କେଓ୍ୱାଇସି କରିସାରିଛନ୍ । ରାଜ୍ୟସର୍‌କାର୍ ଏବ୍‌ତକ୍ ୮ ଲାଖ୍ ରାସନ୍‌କାର୍ଡ଼ ବାଂଟି ସାରିଛନ୍ । ସଭେ ଯେନ୍ତା ଇ-କେଓ୍ୱାଇସି କରିପାର୍‌ବେ ସେଥିର୍‌ଲାଗି ଇ ସମିଆ ବଢ଼ାଯାଇଛେ ବଲି ଖାଦ୍ୟ

ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ ।

ନୂଆବଛର୍-ଶ୍ରୀମନ୍ଦିର୍ ତୟାରି       ପୁରୀ ସମ୍ବାଦଦାତା

ଇଂରାଜୀ ନୂଆବଛର୍ ଅବ୍‌ସରେ ଆଏବା କାଏଲ୍ ମାହାପୁରୁମାନ୍‌କର୍ ଦର୍ଶନ୍ ଲାଗି ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍‌ଠାନୁ ଶ୍ରଦ୍ଧାଲୁଙ୍କର୍ ଭିଡ୍ ଜମ୍‌ଲାନ । ଇଥିର୍‌ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜୋର୍‌ଦାର୍ ପ୍ରସ୍ତୁତି କରାଯାଇଛେ । ଜିଲ୍ଲା ପ୍ରଶାସନ୍ ଆଉ ପୁଲିସ୍ ପ୍ରଶାସନ୍‌ର ମିଲିତ୍ ସହଯୋଗ୍‌ଥି ଆଏଜ୍ ଗୁଟେ ସମନ୍ୱୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲାପାଲ୍ ଦିବ୍ୟଜ୍ୟୋତି ପରିଡ଼ା ଅଧ୍ୟକ୍ଷତା କରିକରି ଆଘର୍ ବଛର୍ ଠାନୁ ଇ ବଛର୍ ଅଏତ୍‌କା ଭିଡ୍ ସମ୍ଭାବନା ଥିବାର୍‌ନୁ ସେ ହିସାବେ ବ୍ୟବସ୍ଥା କର୍‌ବାର୍‌କେ ପରାମର୍ଶ ଦେଇଛନ୍ ।
ସୂଚ୍‌ନା ଅନ୍‌ସାରେ ଆଏଜ୍ ରାତି ୧୧ ବଜେନୁ ରାତିର୍ ୨ ବଜେତକ୍ ମାହାପୁରୁମାନ୍‌କର୍ ପହୁଡ଼ ନୀତି ହେବା । ୨ ବଜେ ଦ୍ୱାରଫିଟା ନୀତି କରାଯାଇକରି ଭକ୍ତମାନ୍‌କର୍ ଦର୍ଶନ୍ ଲାଗି ମନ୍ଦିର୍ ଖୁଲାଯିବା ।

ପ୍ରଳୟ କ୍ଷେପଣାସ୍ତ୍ର       ପି.ଆଇ.ବି.

ଭାରତୀୟ ପ୍ରତିରକ୍ଷା ଗବେଷଣା ଆଉ ବିକାଶ୍ ସଂଗଠନ୍ - ଡିଆରଡିଓ ତର୍ଫୁ ବାଲେଶ୍ୱର୍‌ର ଚାନ୍ଦିପୁର୍ କ୍ଷେପଣାସ୍ତ୍ର ଘାଟିନୁ ଆଏଜ୍ ୨ ଟା ପ୍ରଳୟ କ୍ଷେପଣାସ୍ତ୍ରର୍ ସଫଲତାର୍ ସହେତେ ଉତ୍‌କ୍ଷେପଣ୍ କରାଯାଇଛେ । ସ୍ୱଦେଶୀ ଜ୍ଞାନ୍ କୌଶଲ୍‌ଥି ନିର୍ମିତ୍ ପ୍ରଳୟ କ୍ଷେପଣାସ୍ତ୍ର ହେଉଛେ ଗୁଟେ ଘାତକ କ୍ୱାସି- ବାଲିଷ୍ଟିକ୍ କ୍ଷେପଣାସ୍ତ୍ର । ଇ କ୍ଷେପଣାସ୍ତ୍ର ଅତ୍ୟାଧୁନିକ୍ ଦିଗ ନିର୍ଣ୍ଣୟକାରୀ ପ୍ରଣାଳୀ ବେଭାର୍ କରିକରି ଲକ୍ଷ୍ୟଭେଦ କରିପାର୍‌ବା । ଇତାର୍‌ସହେତେ ବହୁତ୍ ରକ୍‌ମର୍ ଯୁଦ୍ଧାସ୍ତ୍ର ବହନ୍ କରିପାର୍‌ବା ।

ସିଙ୍ଗିଲ୍ ୱିଣ୍ଡୋ ବୈଠକ୍ ଝାର୍‌ସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ନ ଶିଳ୍ପାୟନ୍ ଆଉ ଆର୍ଥିକ୍ ବିକାଶ୍‌କେ ତୁର୍‌ତି କର୍‌ବାର୍ ଲାଗି ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍‌ଙ୍କର ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ଏକକ ବାତାୟନ ଅନୁମୋଦନ୍ କର୍ତ୍ତୃପକ୍ଷ ବୈଠକ୍ ହେଇଯାଇଛେ । ବୈଠକ୍‌ଥି ଜିଲ୍ଲା ନ ଶିଳ୍ପ ଥାପ୍‌ନା ଲାଗି ଆସିଥିବା ଭିନ୍ ଭିନ୍ ନିବେଶ୍ ପ୍ରସ୍ତାବ୍ ବାବ୍‌ଦେ ସମୀକ୍ଷା କରାଯାଇଥିଲା । ଇ ଅବ୍‌ସରେ ପ୍ରଶାସନ୍ ତର୍ଫୁ ୫ ଟା ପ୍ରମୁଖ ନିବେଶ୍ ପ୍ରସ୍ତାବ୍‌କେ ଅନୁମୋଦନ୍ କରାଯାଇକରି ଶହେ ୪୩ କୋଟିନୁ ଅଏତ୍‌କା ଟଙ୍କାର୍ ପୁଞ୍ଜିନିବେଶ୍ ପ୍ରସ୍ତାବ୍ ଗୃହିତ୍ ହେଇଛେ । ଇ ପ୍ରକଳ୍ପ

ମାନ୍ କାର୍ଯ୍ୟକାରୀ ହେଲେ ଜିଲ୍ଲା ନ ୮ ଶହ ୩୩ ଝନ୍‌କୁ ନିଯୁକ୍ତି ମିଲିପାର୍‌ବା ।

ଆଲୋଚନାଚକ୍ର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ପୁରୁଣାକଟକ୍ ଭୈରବୀ ଡିଗ୍ରୀ ମହାବିଦ୍ୟାଳୟ ଇତିହାସ୍ ବିଭାଗ୍ ତର୍‌ଫୁ ଗୁଟେ ଆଲୋଚନାଚକ୍ର ହେଇଯାଇଛେ । ଆଲୋଚନାଚକ୍ରଥି ଇତିହାସ୍ ଲେଖ୍‌ବାର୍‌ଥି ପତ୍ନତାତ୍ତ୍ୱିକ ଉପାଦାନ୍‌ର ଭୂମିକା ବାବ୍‌ଦେ ଆଲୋଚନା କରାଯାଇଥିଲା । ଇତିହାସ୍ ବିଭାଗ୍ ମୁଖ୍ୟ ଲଲିତ୍ କୁମାର୍ ମେହେର୍‌ଙ୍କର୍ ସଭାପତିତ୍ୱଥି ହେଇଥିବା ଆଲୋଚନାଚକ୍ରଥି ମୁଖ୍ୟ ଆଲୋଚକ ଭାବେ ମହାବିଦ୍ୟାଳୟର୍ ଅଧ୍ୟକ୍ଷ ଅନିରୁଦ୍ଧ ମହାକୁଡ଼ ଯୋଗ୍ ଦେଇଥିଲେ ।

ବୌଦ୍ଧ ମହୋତ୍ସବ୍ ପ୍ରଚାର୍ ରଥ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ପରିସର୍ ନ ଆଏଜ୍ ବୌଦ୍ଧ ମହୋତ୍ସବ୍ ପ୍ରଚାର୍ ରଥର୍ ଶୁଭାରମ୍ଭ ହେଇଛେ । ପ୍ରଚାର୍ ରଥକେ ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଶୁଭାରମ୍ଭ କରିଥିଲେ । ଜିଲ୍ଲା ପ୍ରଶାସନ୍, ଜିଲ୍ଲା ସଂସ୍କୃତି ପରିଷଦ୍ ଆଉ ଜିଲ୍ଲା ମହୋତ୍ସବ୍ କମିଟି ତର୍‌ଫୁ ଜାନୁଆରୀ ୨ ନୁ ୫

ତାରିଖ୍‌ତକ୍ ହେବାର୍‌କେ ଥିବା ବୌଦ୍ଧ ମହୋତ୍ସବ୍ ଆଉ ଭିନ୍ ଭିନ୍ ମେଳାର୍ ଲାଗି ଇ ରଥ ପ୍ରଚାର୍ କର୍‌ବା ।

ନୂଆପଡ଼ା -ଜନ ଅଭିଯୋଗ୍ ଶୁଣାଣି ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବିଜ୍ଞପିତ ଅଂଚଲ ପରିଷଦ୍ ତର୍‌ଫୁ ଆଏଜ୍ ଜନ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ପୌର ଅଧିକାରୀମାନେ ୩ ଆଉ ୪ ନମ୍ବର୍ ୱାର୍ଡ଼ର ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍‌ର ଶୁଣାଣି କରିଥିଲେ । ଇ ଅବ୍‌ସରେ ୧୦ ଟା ଅଭିଯୋଗ୍ ଆଗତ୍ ହେଇଥିଲା । ଖରିଆର୍ ରୋଡ଼୍ ପୌର ପ୍ରଶାସନ୍ ତର୍‌ଫୁ ୩ ନମ୍ବର୍ ୱାର୍ଡ଼ ନ ହେଇଥିବା ଅଭିଯୋଗ୍ ଶୁଣାଣି ଶିବିର୍ ନ ୮୦ ଟା ଅଭିଯୋଗ୍ ଆସିଥିଲା ।

ପାନୀୟ ଜଳ କମିଟିର୍ ବୈଠକ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାପାଳ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ତାଙ୍କର୍ କାର୍ଯ୍ୟାଳୟ ନ ଜିଲ୍ଲା ପାନୀୟ ଜଳ ଆଉ ପରିମଳ କମିଟିର୍ ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାପାଳ୍, ସ୍ୱଚ୍ଛ ଭାରତ୍ ମିଶନ୍ ଗ୍ରାମୀଣ ଆଉ ପାନୀୟ ଜଳ ଯୋଗାଣ ଆଉ ପରିମଳ ବିଭାଗ୍‌ର ଭିନ୍ ଭିନ୍ ପ୍ରକଳ୍ପର୍ ସଫଲ୍ ପରିଚାଳନା

ବାବ୍‌ଦେ ଜୋର୍ ଦେଇଥିଲେ । ସଫେଇ ବ୍ୟବସ୍ଥା, ବର୍ଜ୍ୟବସ୍ତୁ ପରିଚାଳନା, ସୌର ଜଳଯୋଗାଣ ପ୍ରକଳ୍ପ, ଘର୍ ଘର୍ ଜଲ୍ ପ୍ରକଳ୍ପର୍ ସମୀକ୍ଷା କରିଥିଲେ ।

ବିଜୟ ହଜାରେ ଟ୍ରଫି ଏକ୍ସ

କର୍ଣ୍ଣାଟକ୍‌ର ଅଲୁର୍ କ୍ରିକେଟ୍ ଷ୍ଟାଡ଼ିୟମ୍ ନ ଓଡ଼ିଶା ଆଉ ଦିଲ୍ଲୀ ଭିତ୍‌ରେ ଖେଲାଯାଇଥିବା ବିଜୟ ହଜାରେ ଟ୍ରଫି ଗ୍ରୁପ୍- ଡି ମେଚ୍‌ଥି ଓଡ଼ିଶା ଦଲ୍ ବଡ଼ ସଫଲତା ହାସଲ୍ କରିଛେ । ଦିଲ୍ଲୀ ଦଲ୍‌କେ ୭୯ ରନ୍‌ଥି ଓଡ଼ିଶା ହରେଇଛେ । ମେଚ୍‌ଥି ଓଡ଼ିଶା ଦଲ୍ ୮ ୱିକେଟ୍ ହରେଇକରି ୨ ଶହ ୭୨ ରନ୍ କରିଥିଲା ବେଲ୍‌କେ ଦିଲ୍ଲୀ ଦଲ୍ ଶହେ ୯୩ ରନ୍‌ଥି ଅଲ୍‌ଆଉଟ୍ ହେଇଯାଇଛେ । ମେଚ୍‌ଥି ବିପ୍ଲବ୍ ସାମନ୍ତରାୟଙ୍କୁ ମେଚ୍ ଅଫ୍ ଦିନ ମେଚ୍ ଭାବେ ପୁରସ୍କୃତ୍ କରାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଶୀତ୍ ଲହରୀ ଜାରି ରହିଛେ । ଆଏବା ୪ ଦିନ୍ ତକ୍ ଧିରେ ଧିରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ତକ୍ ବଢ଼୍‌ବା

ଆଉ ଶୀତ୍ କମ୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।

ଆଏବା କାଏଲ୍ ପହପହନୁ ଉତର୍ ଆଉ ଭିତ୍‌ରିଆ ଓଡ଼ିଶାର୍ ବଡ଼ଭାଗୀ ଜାଗା ନ ଜବର୍ କୁହୁଡ଼ି ହେବା । ସଖାଲୁ ଆଉ ରାତି କମ୍ ଦୁରୁଶ୍ ହେବା । ଆଏବା କାଏଲ୍ ନୂଆବଛର୍ ଥିବାର୍‌ନୁ ଲୁକେ ଘରୁ ବାହାରିବାର୍ ଆଘୋନୁ କୁହୁଡ଼ିକେ ନେଇକରି ସତର୍କ ରହେବାର୍‌କେ ପାଣିପାଗ୍ ବିଭାଗ୍ ତର୍‌ଫୁ ପରାମର୍ଶ ଦିଆଯାଇଛେ ।